*1957*
*ଫେବ୍ରୁୟାରୀ 20*

ରଘୁବଂଶ ଲାଲ

ବନାମ

ଉତ୍ତରପ୍ରଦେଶ ରାଜ୍ୟ

(ଜଗନ୍ନାଧଦାସ, ଜାଫର ଇମାମ, ଗୋବିନ୍ଦ ମେନନ ଏବଂ
ଜେ. ଏଲ. କପୁର, ନ୍ୟାୟମୂର୍ତ୍ତିବୃନ୍ଦ)

*ଅପରାଧିକ ବିଚାରଣ -ଜାଣିଶୁଣି ଭୁଲ ଢଙ୍ଗରେ ନଥି ପ୍ରସ୍ତୁତ କରିବା- କ୍ଷତି କିମ୍ବା ଆଘାତ କରିବା ଉଦ୍ଦେଶ୍ୟରେ - ଭାରତୀୟ ଦଣ୍ଡ ସଂହିତା, ଧାରା 218* I

ଆବେଦନକାରୀ, ଜଣେ ପଟୱାରୀ ହୋଇଥିବାରୁ, 1358 F ବର୍ଷ ପାଇଁ *ଖସ୍ରାରେ* କେତେକ ବିବାଦୀୟ ପ୍ଲଟ୍ ଉପରେ ଦଖଲ ବିଷୟରେ ଭୁଲ ଲିଖନ କରିଥିବା ଦେଖିବାକୁ ମିଳିଥିଲା ଏବଂ ଭାରତୀୟ ଦଣ୍ଡ ସଂହିତାର ଧାରା 218 ଅନୁଯାୟୀ ଦୋଷୀ ସାବ୍ୟସ୍ତ ହୋଇଥିଲେ I

*ନିର୍ଣ୍ଣୟ ହୋଇଥିଲା ଯେ,* ଭାରତୀୟ ଦଣ୍ଡ ସଂହିତାର ଧାରା 218 ଅନୁଯାୟୀ ଦୋଷସିଦ୍ଧିକୁ ବଜାୟ ରଖିବା ପାଇଁ ଏହା ଯଥେଷ୍ଟ ନୁହେଁ ଏପରି ଲିଖନ ଭୁଲ ଅଟେ, ଏହା ଜରୁରୀ ଯେ କିଛି ବ୍ୟକ୍ତିଙ୍କୁ କ୍ଷତି କିମ୍ବା ଆଘାତ ପହଞ୍ଚାଇବାକୁ କିମ୍ବା ଏପରି ଘଟାଇବାର ସମ୍ଭାବନା ଥିବା ଉଦ୍ଦେଶ୍ୟ ସହିତ ଏପରି ଲିଖନ ପ୍ରସ୍ତୁତ କରାଯାଇଛି I 1358 F ବର୍ଷ ସମ୍ବନ୍ଧରେ ତ୍ରୁଟିଯୁକ୍ତ ଲିଖନ ଅଭିଯୋଗରେ ଆରୋପ ଅଭିଯୋଗକାରୀଙ୍କୁ କୌଣସି କ୍ଷତି ପହଞ୍ଚାଇପାରିଲାନଥିଲା, କାରଣ ଯେତେବେଳେ ଏପରି ଲିଖନ ପ୍ରସ୍ତୁତ କରାଯାଇଥିଲା ବୋଲି କୁହାଯାଇଥିଲା ସେତେବେଳକୁ ଦଣ୍ଡ ପ୍ରକ୍ରିୟା ସଂହିତାର ଧାରା 145 ଅନୁଯାୟୀ ମାମଲା ଫଇସଲା ହୋଇସାରିଥିଲା ଏବଂ 1358 F ବର୍ଷରେ ବୃତ୍ତିରେ ଥିଲେ ବୋଲି ନଥିଭୁକ୍ତ ହୋଇଥିବା ବ୍ୟକ୍ତିଙ୍କୁ ଏହା ବଂଶାନୁଗତ ପ୍ରଜାସ୍ୱତ୍ୱ ପ୍ରଦାନ କରିନଥିଲା, ଯେହେତୁ ୟୁ.ପି. ଜମିଦାରୀ ଉଚ୍ଛେଦ ଏବଂ ଭୂସଂସ୍କାର ଅଧିନୀୟମର ଧାରା 16, 1356 F ବର୍ଷରେ ଦଖଲରେ ଥିବା ବ୍ୟକ୍ତିଙ୍କୁ ଉପକୃତ କରିଥିଲା, 1358 F ବର୍ଷର ନୁହେଁ ।

ଫୌଜଦାରୀ ଆବେଦନ ଅଧିକାରିତା : ଫୌଜଦାରୀ ଆବେଦନ ସଂଖ୍ୟା 94/1955 ।

S.T.ସଂଖ୍ୟା 11/1952 ରେ ଘାଜିପୁରସ୍ଥିତ ଦୌରା ବିଚାରପତିଙ୍କ 1952 ମସିହା ଜୁନ 7 ତାରିଖରେ ରାୟ ଏବଂ ଆଦେଶରୁ ଉତ୍ପନ୍ନ ଫୌଜଦାରୀ ଆବେଦନ ସଂଖ୍ୟା 647/1952 ରେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟଙ୍କ 1954, ସେପ୍ଟେମ୍ବର 7 ତାରିଖର ରାୟ ଏବଂ ଆଦେଶରୁ ବିଶେଷ ଅନୁମତି ଦ୍ୱାରା ଆବେଦନ ।

ଆବେଦନକାରୀଙ୍କ ପକ୍ଷରୁ *ଏଚ୍. ଜେ. ଉମ୍ରିଗର* ।

ଉତ୍ତରଦାତାଙ୍କ ପକ୍ଷରୁ *ଜି. ସି. ମାଥୁର* ଏବଂ *ସି. ପି. ଲାଲ* ।

1957, ଫେବୃଆରୀ 20ରେ ନ୍ୟାୟାଳୟର ରାୟ ପ୍ରଦାନ କରାଯାଇଥିଲା

ନ୍ୟାୟମୂର୍ତ୍ତି କପୁରଙ୍କ ଦ୍ୱାରା - ଭାରତୀୟ ଦଣ୍ଡବିଧି ସଂହିତାର ଧାରା 218 ଅନୁଯାୟୀ ଆବେଦନକାରୀ ରଘୁବଂଶ ଲାଲଙ୍କ ଦୋଷୀ ସାବ୍ୟସ୍ତକରଣକୁ କାଏମ ରଖି ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟର ରାୟ ବିରୁଦ୍ଧରେ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 136 ଅନୁଯାୟୀ ବିଶେଷ ଅନୁମତି ଦ୍ୱାରା ଏହା ଏକ ଆବେଦନ ।

ଯେଉଁ ଅପରାଧ ପାଇଁ ଆବେଦନକାରୀଙ୍କୁ ବିଚାର କରାଯାଇଥିଲା, ତାହା ହେଲା, ଆରାଜୀ ମାଫି ପାଣ୍ଡାଇ ଗାଁର ଜଣେ ପଟୱାରୀ ଏବଂ ଏହିପରି ଜଣେ ସରକାରୀ କର୍ମଚାରୀ ହୋଇଥିବାରୁ, ସେ "ଆରାଜୀ ମାଫି ପାଣ୍ଡାଇ ଗାଁର ପ୍ଲଟ୍ ସଂଖ୍ୟା 170 ଏବଂ 74/1 ସମ୍ବନ୍ଧରେ 1358F ର *ଖସ୍ରା* ପ୍ରସ୍ତୁତ କରିଥିଲେ", "ଯାହାଦ୍ୱାରା ସେ ଶ୍ରୀମତୀ ମହୁରା କୁନୱାରଙ୍କୁ ଅଯଥା କ୍ଷତି ପହଞ୍ଚାଇବେ ଏବଂ ତାହା ସହିତ ଏହାର ଉଦ୍ଦେଶ୍ୟ ତ୍ରୁଟିଯୁକ୍ତ ବୋଲି ସେ ଜାଣିଥିଲେ ।"

ଯେଉଁ ତଥ୍ୟଗୁଡ଼ିକରୁ ଏହି ଆବେଦନ ଉତ୍ପନ୍ନ ହୋଇଛି, ସେଗୁଡ଼ିକ ହେଲା ଦୁଇ ଭାଇ, ମହାଦେଓ ଏବଂ ସହଦେଓ, ଯେଉଁମାନେ ଏକ ଯୌଥ ହିନ୍ଦୁ ପରିବାରର ସଦସ୍ୟ ଥିଲେ, ସେମାନଙ୍କ ପାଖରେ କିଛି ପ୍ଲଟ୍ ଥିଲା । ମହାଦେଓ ବିଧବା ବସେରା କୁନ୍ୱାର, ପୁଅ ଦାମୋଦର ପାଣ୍ଡେ ଏବଂ ଝିଅ ମାହୁରା କୁଏରଙ୍କୁ ଛାଡି ମୃତ୍ୟୁବରଣ କରିଥିଲେ । ସହଦେଓ ଜଣେ ବିଧବା ସୁନ୍ଦ୍ରା କୁଏରଙ୍କୁ ଛାଡ଼ି ମୃତ୍ୟୁବରଣ କରିଥିଲେ । ଦାମୋଦର ପାଣ୍ଡେଙ୍କ ମୃତ୍ୟୁ ପରେ, ଜଣେ ରାମ ସେବକ ପାଣ୍ଡେ ଦାମୋଦର ପାଣ୍ଡେଙ୍କ ଦ୍ୱାରା ଛାଡ଼ି ଯାଇଥିବା *ସା଼ର୍* ଏବଂ *ସୟାର୍* ସମେତ *ଜମିଦାରୀ* ସମ୍ପତ୍ତି ଦଖଲ କରିବାକୁ ଶ୍ରୀମତୀ ବେସେରା କୁନୱାର ଏବଂ ଶ୍ରୀମତୀ ସୁନ୍ଦ୍ରା କୁଏରଙ୍କ ବିରୋଧରେ ଏକ ମକଦ୍ଦମା ଦାୟର କରିଥିଲେ, ଯାହା ଖାରଜ ହୋଇଯାଇଥିଲା । ବସେରା କୁନୱାରଙ୍କ ମୃତ୍ୟୁ ପରେ, ରାମ ସେବକଙ୍କ ପୁଅ ଅଦିତ ପାଣ୍ଡେ ଏବଂ ଜଣେ ଗଙ୍ଗା ପାଣ୍ଡେ ଏହି ସମ୍ପତ୍ତିରେ ସେମାନଙ୍କ ନାମକୁ ପରିବର୍ତ୍ତିତ କରିଥିଲେ ।

ଶ୍ରୀମତୀ ମହୁରା କୁଆର, ଅଦିତ ପାଣ୍ଡେ ଏବଂ ଗଙ୍ଗା ପାଣ୍ଡେଙ୍କ ବିରୁଦ୍ଧରେ, ଶ୍ରୀମତୀ ବସେରା କୁଆରଙ୍କ ଦ୍ୱାରା ଛାଡ଼ି ଯାଇଥିବା ସମ୍ପତ୍ତିର ଦଖଲ ପାଇଁ ଏକ ମକଦ୍ଦମା ଦାୟର କରିଥିଲେ, ଯାହାକି 1941 ମସିହା ଅଗଷ୍ଟ 1 ତାରିଖରେ ଡିକ୍ରି କରାଯାଇଥିଲା । 1943, ମେ 31 ତାରିଖରେ, ଶ୍ରୀମତୀ ମାହୁରା କୁଆର 170 ଏବଂ 74/1 ନାମକ ଦୁଇଟି ପ୍ଲଟ୍ ଅନ୍ତର୍ଭୁକ୍ତ ଥିବା ସମ୍ପତ୍ତି ଉପରେ ଅଦାଲତ ମାଧ୍ୟମରେ ଦଖଲ ଅଧିକାର ହାସଲ କରିଥିଲେ ।

ଅଦିତ ପାଣ୍ଡେ ଏବଂ ଗଙ୍ଗା ପାଣ୍ଡେଙ୍କ ବିରୋଧରେ ଅପରାଧିକ ପ୍ରକ୍ରିୟା ସଂହିତାର ଧାରା 145 ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ 1950, ଫେବୃଆରୀ 25 ତାରିଖରେ,

1957
ରଘୁବଂଶ ଲାଲ
ବନାମ
ଉତ୍ତରପ୍ରଦେଶ ରାଜ୍ୟ
ନ୍ୟାୟମୂର୍ତ୍ତି କପୁର

ମହୁରା କୁଏର, ଉପଖଣ୍ଡ ମାଜିଷ୍ଟ୍ରେଟଙ୍କ ନିକଟରେ ଏକ ଆବେଦନ କରିଥିଲେ । ମାଜିଷ୍ଟ୍ରେଟ୍ ଦୁଇଟି ପ୍ଲଟ୍ ସଂଖ୍ୟା 170 ଏବଂ 74/1 ସମେତ ଜମି କୋରଖ କରିବାକୁ ନିର୍ଦ୍ଦେଶ ଦେଇଥିଲେ, ଏବଂ ଏହା ଅଭିଯୋଗ ହୋଇଛି ଯେ ସପୁରଦାର କିମ୍ବା ମାଫର୍ତଦାର ଭାବରେ ଶୁଭ କରଣଙ୍କୁ ଏହି ଦୁଇଟି ପ୍ଲଟ୍ ର ଦଖଲ ଦିଆଯାଇଥିଲା । ଏହି ସମ୍ପତ୍ତି 1950, ମାର୍ଚ୍ଚ 15 ତାରିଖ ଠାରୁ 1950, ଡିସେମ୍ବର 18 ତାରିଖ ପର୍ଯ୍ୟନ୍ତ କୋରଖ ହୋଇ ରହିଥିଲା, ଯେଉଁଥିରେ 1357 F ର ଏକ ଅଂଶ ଏବଂ 1358 F ର ଏକ ଅଂଶ ଅନ୍ତର୍ଭୁକ୍ତ ଥିଲା ।

1950, ଡିସେମ୍ବର 18 ରେ ମାଜିଷ୍ଟ୍ରେଟଙ୍କ ଦ୍ୱାରା ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ମହୁରା କୁଆରଙ୍କ ସପକ୍ଷରେ ଯିବା ସହ ତାଙ୍କ ଦଖଲ ସ୍ଥାପିତ ହୋଇଛି ବୋଲି ବିଚାର ସମାପ୍ତ ହୋଇଥିଲା । ଅଦିତ୍ ପାଣ୍ଡେ ଏବଂ ଗଙ୍ଗା ପାଣ୍ଡେଙ୍କୁ ମହିଳାଙ୍କ ସମ୍ପତ୍ତିରେ ହସ୍ତକ୍ଷେପ କରିବାରୁ ବାରଣ କରାଯାଇଥିଲା; ଏବଂ କୋରଖ ସମାପ୍ତ କରିବାକୁ ଏବଂ ବିବାଦଗ୍ରସ୍ତ ଜମିର ଦଖଲକୁ ଶ୍ରୀମତୀ ମାହୁରା କୁଆରଙ୍କୁ ହସ୍ତାନ୍ତର କରିବାକୁ ଆଦେଶ ପ୍ରଦାନ କରାଯାଇଥିଲା । ବିପରୀତ ପକ୍ଷ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ନିକଟରେ ଏକ ପୁନରୀକ୍ଷଣ ଆବେଦନ କରିଥିଲେ ଯାହା 1951,ମାର୍ଚ୍ଚ 28 ରେ ଖାରଜ କରାଯାଇଥିଲା ଏବଂ ଏହା ଅଭିଯୋଗ ହୋଇଛି ଯେ ବାସ୍ତବିକ ଦଖଲ 1951, ଏପ୍ରିଲ୍ ରେ ହସ୍ତାନ୍ତର କରାଯାଇଥିଲା । ଡିସେମ୍ବର 1950 ରୁ ଏପ୍ରିଲ 1951 ପର୍ଯ୍ୟନ୍ତ, ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଆଦେଶ ଅନୁଯାୟୀ ଦଖଲ ହସ୍ତାନ୍ତରକୁ ସ୍ଥଗିତ ରଖାଯାଇଥିଲା ।

1951, ଜୁଲାଇ 31 ତାରିଖରେ, ଶ୍ରୀମତି ମହୁରା କୁଆର ବର୍ତ୍ତମାନର ଆବେଦନକାରୀଙ୍କ ବିରୋଧରେ ଭାରତୀୟ ଦଣ୍ଡ ସଂହିତାର ଧାରା 218 ଅନୁଯାୟୀ ଘାଜିପୁରସ୍ଥିତ ନ୍ୟାୟିକ ମାଜିଷ୍ଟ୍ରେଟଙ୍କ ଅଦାଲତରେ ବର୍ତ୍ତମାନର ଅଭିଯୋଗ ଦାଖଲ କରିଥିଲେ, ଯେଉଁଥିରେ ବିଭିନ୍ନ ପ୍ରାସଙ୍ଗିକ ତଥ୍ୟ ସବୁ ପ୍ରକାଶ କରିବା ପରେ ସେ ଅଭିଯୋଗ କରିଥିଲେ ଯେ ଅଭିଯୁକ୍ତ ଯିଏକି ଗାଁର ଜଣେ ପଟୱାରୀ ଥିଲେ, ସେ ପ୍ଲଟ ନମ୍ବର 170 ଏବଂ 74/1 ବିଷୟରେ ଜାଣିଶୁଣି ଭୁଲ ଲିଖନ କରିଥିଲେ ଏବଂ ମନ୍ତବ୍ୟ ସ୍ତମ୍ଭରେ ଦଖଲରେ ଥିବା ଭାବରେ ଅଦିତ ପାଣ୍ଡେଙ୍କ ନାମ ଲିଖନ କରିଥିଲେ, ଏବଂ ତେଣୁ ସେ ଭାରତୀୟ ଦଣ୍ଡ ସଂହିତାର ଧାରା 218 ଅନୁଯାୟୀ ଏକ ଅପରାଧ କରିଥିଲେ । ଏହି ମାମଲାଟି ଦୌରା ଅଦାଲତରେ ଆସିଥିଲା ଯେଉଁଠାରେ ଅଭିଯୋଗ ପକ୍ଷର ସମର୍ଥନରେ ଶ୍ରୀମତୀ ମହୁରା କୁଆର ନିଜେ 1 ନମ୍ବର ସାକ୍ଷୀ ଭାବେ ହାଜର ହୋଇଥିଲେ ଏବଂ ତାଙ୍କ ମାମଲାକୁ ଅନ୍ୟ ଦୁଇ ଜଣ ସାକ୍ଷୀ ଗୌରୀ ଶଙ୍କର P. W. 2 ଏବଂ ନରେଶ P. W. 3 ସମର୍ଥନ କରିଥିଲେ । ଅଭିଯୁକ୍ତମାନେ ପ୍ରତିରକ୍ଷା ପକ୍ଷରେ ଅଦିତ ପାଣ୍ଡେ, D.W. 1 ଏବଂ ରାମ ସ୍ୱରୁପ D.W. 2ଙ୍କୁ ହାଜର କରିଥିଲେ ।

ଦୌରା ଅଦାଲତରେ ଅଭିଯୁକ୍ତଙ୍କ ଆବେଦନ ଥିଲା ଯେ ସେ ଶୁଭକରଣ ଚୌକିଦାରଙ୍କଠାରୁ ଜାଣିବାକୁ ପାଇଥିଲେ ଯେ ଶ୍ରୀମତୀ ମହୁରା କୁଆର ଅପରାଧିକ ପ୍ରକ୍ରିୟା ସଂହିତାର ଧାରା 145 ଅନୁଯାୟୀ ଏହି ମାମଲା ଜିତିଥିଲେ, କିନ୍ତୁ ମାଜିଷ୍ଟ୍ରେଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ସେ

"ଉକ୍ତ ସ୍ଥାନରେ" ଅଦିତ୍ ପାଣ୍ଡେଙ୍କର ଦଖଲ ରହିଥିବାର ଜାଣିବାକୁ ପାଇଥିଲେ, ଏହା ଯେ ସେ ମାଜିଷ୍ଟ୍ରେଟଙ୍କ ଆଦେଶ ଅନୁଯାୟୀ କାର୍ଯ୍ୟ କରିନଥିଲେ କାରଣ ସେ ଏପରି କୌଣସି ଆଦେଶ ପାଇନଥିଲେ ଏବଂ ସେ ଶ୍ରୀମତୀ ମହୁରା କୁଆରକୁ ପାଇନଥିଲେ, ଯାହାଙ୍କ ସପକ୍ଷରେ ମାଜିଷ୍ଟ୍ରେଟଙ୍କ ଦ୍ୱାରା ପ୍ରକୃତ ଦଖଲରେ ରହିବା ପାଇଁ ଆଦେଶ ପାରିତ ହୋଇଥିଲା ।

ବିଦ୍ୱାନ ବିଚାର କରୁଥିବା ଅଦାଲତ ଜାଣିବାକୁ ପାଇଲେ ଯେ ଅଭିଯୁକ୍ତମାନେ "ଅଦିତ ପାଣ୍ଡେଙ୍କୁ ଲାଭ ଏବଂ ଶ୍ରୀମତୀ ମାହୁରା କୁଆରଙ୍କୁ କ୍ଷତି" ପହଞ୍ଚାଇବା ଉଦ୍ଦେଶ୍ୟରେ ତାହା ଭୁଲ ବୋଲି ଜାଣି ମଧ୍ୟ ଭୁଲ ଲିଖନ କରିଥିଲେ । ତେଣୁ, ସେ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିଥିଲେ ଏବଂ ତାଙ୍କୁ ଏକ ବର୍ଷ ସଶ୍ରମ କାରାଦଣ୍ଡର ଆଦେଶ ଦେଇଥିଲେ ଏବଂ 200 ଟଙ୍କା ଜରିମାନା କରିଥିଲେ  କିମ୍ବା ଏଥିରେ ଖିଲାପ ହେଲେ  4 ମାସ ପାଇଁ ସଶ୍ରମ କାରାଦଣ୍ଡ ଥିଲା ।

ଉଚ୍ଚ ନ୍ୟାୟାଳୟ ଏହି ଆଧାରରେ ବିଚାର କରୁଥିବା ଅଦାଲତର ନିର୍ଣ୍ଣୟକୁ ନିଶ୍ଚିତ କରିଥିଲେ ଯେ ଅଭିଯୋଗକାରୀଣୀ ଶ୍ରୀମତୀ ମହୁରା କୁଆରଙ୍କୁ ଦଖଲ ପ୍ରଦାନ କରାଯାଇଥିଲା, ଯାହାକି ସେହି ମହିଳା ବିବୃତି ଦ୍ୱାରା ଏବଂ 'ଗୌରୀ ଶଙ୍କର' ଏବଂ ନରେଶ ଗଦାରିଆଙ୍କ ବିବୃତି ଦ୍ୱାରା  ପ୍ରମାଣିତ ହୋଇଥିଲା, ଯିଏକି ମହୁରା କୁଆରଙ୍କ ବିବୃତିକୁ ସମର୍ଥନ କରିଥିଲେ ଏବଂ ଶୁଭ କରଣ ସପୁରଦାର ଗୋଟିଏ କ୍ଷେତରେ ଯବ ଏବଂ ଅନ୍ୟଟିରେ ଧାନ ବୁଣିଥିଲେ ବୋଲି ସାକ୍ଷ୍ୟ ପ୍ରଦାନ କରିଥିଲେ ଏବଂ ଏହା ଯେ 1951 ଏପ୍ରିଲ୍ ମାସରେ ପ୍ରକୃତ ଭୌତିକ ଦଖଲ ତାଙ୍କୁ ପ୍ରଦାନ କରାଯାଇଥିଲା । ପ୍ରମାଣକୁ ବିଚାରକୁ ନେଇ ଉଚ୍ଚ ନ୍ୟାୟାଳୟ ନିର୍ଣ୍ଣୟ କରିଥିଲେ ଯେ ଏହି ଲିଖନ ଭୁଲ ଥିଲା ଏବଂ ମାହୁରା କୁଆରଙ୍କୁ କ୍ଷତି ଦେବା ଉଦ୍ଦେଶ୍ୟରେ ଏହା କରାଯାଇଥିଲା ।

ଉତ୍ତରପ୍ରଦେଶର ଜମି ତଥ୍ୟ ସମ୍ବଳିତ ବହିର ନିୟମ 60 *ଖସ୍ରାର* ପ୍ରସ୍ତୁତି ସହ ଜଡ଼ିତ । ଖସ୍ରାର ଫର୍ମରେ କୃଷକଙ୍କ ନାମ, ସିକିମୀ ପ୍ରଜା କିମ୍ବା ଭଡ଼ାଟିଆଙ୍କ ନାମ ଏବଂ ଫସଲ ସମ୍ବନ୍ଧୀୟ ପ୍ରବେଶ ଇତ୍ୟାଦି ଦର୍ଶାଇଥିବା ସ୍ତମ୍ଭ ଥାଏ । ଏହି ନିୟମ ଆବ୍ୟଶକ କରେ ଯେ ପ୍ରକୃତ ତଥ୍ୟ ଅନୁଯାୟୀ ଲିଖନଗୁଡିକ କରାଯିବ ଏବଂ ଏହା କୁହାଯାଇଛି ଯେ ସମସ୍ତ ଲିଖନ ପାଇଁ ପଟୱାରୀ ଦାୟୀ ଅଟନ୍ତି ଏବଂ ସେ ସମ୍ପୃକ୍ତ ବ୍ୟକ୍ତିଙ୍କଠାରୁ ତଥା କ୍ଷେତ୍ର ନିରୀକ୍ଷଣ ଦ୍ୱାରା ତଥ୍ୟ ବିଷୟରେ ଅନୁସନ୍ଧାନ କରି ନିଜକୁ ସନ୍ତୁଷ୍ଟ କରିବା ଉଚିତ୍ ଏବଂ ଏପ୍ରିଲ 30 ସୁଦ୍ଧା ଖସ୍ରା ସମ୍ପୂର୍ଣ୍ଣ କରିବା ଉଚିତ୍ । ଟିପ୍ପଣୀ ସ୍ତମ୍ଭରେ - ଏବଂ ଏହା ପ୍ରତିବଦ୍ଧତାର କ୍ରମରେ ପ୍ରଦର୍ଶିତ ହୋଇଛି - ବର୍ଷ 1357 F ଏବଂ 1358 F ର ପ୍ରବେଶ ଥିଲା " କାବିଜ ବଦସ୍ତୁର " (ପୂର୍ବ ପରି ଦଖଲ) । ଶ୍ରୀମତୀ ମହୁରା କୁଆରଙ୍କୁ କ୍ଷତି ଦେବା ଉଦ୍ଦେଶ୍ୟରେ *ଖସ୍ରାରେ* ଥିବା ଭୁଲ ଲିଖନକୁ ଆସି, ନିମ୍ନ ଅଦାଲତମାନେ ଦଣ୍ଡ ପ୍ରକ୍ରିୟା ସଂହିତାର ଧାରା 145 ଅନୁଯାୟୀ କାର୍ଯ୍ୟାନୁଷ୍ଠାନକୁ ବିଚାରକୁ ନେଇଛନ୍ତି । ଯଦିଓ ସେହି କାର୍ଯ୍ୟାନୁଷ୍ଠାନରେ ମାଜିଷ୍ଟ୍ରେଟଙ୍କ ରାୟ ଶ୍ରୀମତୀ ମାହୁରା କୁଆରଙ୍କ ସପକ୍ଷରେ ଥିଲା, ବିବାଦୀୟ ଜମିକୁ କୋରଖ କରାଯାଇଥିଲା ଏବଂ ଚାଷ କରିବା ପାଇଁ ଶୁଭକରଣ ଚୌକିଦାରଙ୍କୁ ଦିଆଯାଇଥିଲା, ଏବଂ ଏପରିକି ଅଭିଯୋଗ ପକ୍ଷ ମାମଲା ଅନୁଯାୟୀ ଶ୍ରୀମତୀ ମହୁରା କୁଆରଙ୍କୁ

ଏପ୍ରିଲ୍ 1951 ପର୍ଯ୍ୟନ୍ତ ପ୍ରକୃତ ଭୌତିକ ଦଖଲ ହସ୍ତାନ୍ତର କରାଯାଇନଥିଲା । ସପୁରଦାର, ଶୁଭକରଣ, ନିଜେ ଜଣେ ସାକ୍ଷୀ ଭାବରେ ପରୀକ୍ଷିତ ହୋଇନାହାନ୍ତି, ଯାହା ତାଙ୍କ ତତ୍ତ୍ୱାବଧାନରେ ଥିବା ଅବଧି ପାଇଁ ବିବାଦରେ ଥିବା ଜମିର ଉତ୍ପାଦ ବିଷୟରେ ମହୁରା କୁମାର ଏବଂ ଶୁଭକରଣଙ୍କ ମଧ୍ୟରେ ସେତେବେଳେ ବିଦ୍ୟମାନ ଥିବା ବିବାଦ ହେତୁ ହୋଇପାରେ । ଯଦିଓ ବିବାଦୀୟ ପ୍ଲଟର ଭୌତିକ ଦଖଲ ଅଭିଯୋଗକାରୀଙ୍କୁ 1931, ଏପ୍ରିଲ ମାସରେ ଦିଆଯାଇଥିଲା ବୋଲି କୁହାଯାଇଛି, ତଥାପି ସେହି ତାରିଖ ପୂର୍ବରୁ ଅର୍ଥାତ୍ ଜମି କୋରଖ ହେବା ସମୟରେ ସେ ପ୍ରକୃତରେ ଭୋଗଦଖଲରେ ନଥିଲେ ।

ଏହି ମାମଲାର ଉଦ୍ଦେଶ୍ୟ ପାଇଁ, ଅଭିଯୋଗ ପକ୍ଷକୁ ପ୍ରମାଣ କରିବାକୁ ପଡ଼ିଥିଲା : -

(1) ଯେ ଅଭିଯୁକ୍ତ ଜାଣିଶୁଣି ଭୁଲ ଭାବରେ ନଥି ପ୍ରସ୍ତୁତ କରିଥିଲେ ।

(2) ଯେ ଏପରି ଘଟାଇବା ଉଦ୍ଦେଶ୍ୟରେ କିମ୍ବା ଏହା ଦ୍ୱାରା ସେ ଜନସାଧାରଣ କିମ୍ବା ଶ୍ରୀମତୀ ମହୁରା କୁଆରଙ୍କର କ୍ଷତି କିମ୍ବା ଅନିଷ୍ଟ ଘଟାଇବେ ବୋଲି ଜାଣିଶୁଣି ଅଭିଯୁକ୍ତ ଏହା କରିଥିଲେ ।

ଏହା ସତ୍ୟ ଯେ ଉଚ୍ଚ ନ୍ୟାୟାଳୟ ଜାଣିବାକୁ ପାଇଥିଲେ ଯେ ମାହୁରା କୁଆର୍ ଏବଂ ଅଦିତ୍ ପାଣ୍ଡେଙ୍କ ମଧ୍ୟରେ ମକଦ୍ଦମା ବିଷୟରେ ଅଭିଯୁକ୍ତ ଜାଣିଥିଲେ ଏବଂ ଏହା ସତ୍ତ୍ୱେ ସେ ଏକ ଭୁଲ ଲିଖନ କରିଥିଲେ । କିନ୍ତୁ ଦୋଷ ସାବସ୍ତକରଣକୁ ବଜାୟ ରଖିବା ପାଇଁ ଏହା ଯଥେଷ୍ଟ ନୁହେଁ ଯେ ଲିଖନଗୁଡ଼ିକ ଭୁଲ ଅଟେ, ଏହା ଜରୁରୀ ଯେ ଭାରତୀୟ ଦଣ୍ଡ ସଂହିତାର ଧାରା 218ରେ ଉଲ୍ଲେଖ ହୋଇଥିବା ଉଦ୍ଦେଶ୍ୟ ସହିତ ଲିଖନ କରାଯିବା ଉଚିତ । ଏହି ମାମଲାରେ, ଆବଶ୍ୟକ ଉଦ୍ଦେଶ୍ୟକୁ ପ୍ରମାଣ କରୁଥିବା ପ୍ରତ୍ୟକ୍ଷ ସାକ୍ଷ୍ୟର ଅଭାବ ରହିଛି ଏବଂ ଆବେଦନକାରୀ କେଉଁ ଉଦ୍ଦେଶ୍ୟରେ ଏପରି ଲିଖନ କରିଥିଲେ, ଯାହା ଉପରେ ଅଭିଯୋଗ ହୋଇଛି, ସେ ବିଷୟରେ କୌଣସି ସୁରକ୍ଷିତ ଉପସଂହାରକୁ ସମର୍ଥନ କରିବା ପାଇଁ ପରିସ୍ଥିତିଗତ ପ୍ରମାଣ ଅତ୍ୟନ୍ତ ସ୍ୱଳ୍ପ । ତାଙ୍କର ମାମଲା ଥିଲା ଯେ ସପୁରଦାର, ଶୁଭକରଣ କଦାପି ଅଦିତ ପାଣ୍ଡେଙ୍କଠାରୁ ଦଖଲ ପାଇ ନଥିଲେ । ଶୁଭକରଣ ଜଣେ ସାକ୍ଷୀ ନଥିଲେ, ପୂର୍ବରୁ କୁହାଯାଇଥିବା କାରଣ ପାଇଁ ହୋଇଥାଇପାରେ, ଏବଂ ଏହା ଯୁକ୍ତି କରାଯାଇଥିଲା ଯେ ଶୁଭକରଣଙ୍କ କଥିତ ସାକ୍ଷ୍ୟ ଅନୁପସ୍ଥିତିରେ ଅଭିଯୋଗ ପକ୍ଷର ମାମଲା କୌଣସି ପ୍ରକାରେ ପ୍ରମାଣିତ ହୋଇଛି ବୋଲି ନାହିଁ, ଏହା ସନ୍ଦେହ ମୁକ୍ତ ନୁହେଁ । କିନ୍ତୁ ନିମ୍ନ ଅଦାଲତମାନେ ଏହି ତଥ୍ୟକୁ ବିଚାର କରିଛନ୍ତି ଏବଂ ସମସ୍ତ ପରିସ୍ଥିତିକୁ ବିଚାରକୁ ନେଇ ଦଖଲ ପ୍ରସଙ୍ଗରେ ଅଭିଯୋଗକାରୀଙ୍କ ସପକ୍ଷରେ ରାୟ ଦେଇଛନ୍ତି ।

ଏହି ପ୍ରଶ୍ନ ଏବେବି ରହିଛି ଯେ ଏପରି ଭୁଲ ଲିଖନଗୁଡିକ ଅଭିଯୋଗକାରୀଙ୍କୁ କ୍ଷତି ପହଞ୍ଚାଇବା କିମ୍ବା ଏପରି ଘଟାଇବା ଦ୍ୱାରା ଅଭିଯୁକ୍ତ ଅଭିଯୋଗକାରୀଙ୍କୁ କ୍ଷତି ଏବଂ ଅନିଷ୍ଟ ପହଞ୍ଚାଇବେ ବୋଲି ସମ୍ଭାବ୍ୟ ଉଦ୍ଦେଶ୍ୟ ସହିତ କରାଯାଇଥିଲା କି । 1354 F ବର୍ଷ ସମ୍ବନ୍ଧରେ

କୌଣସି ଭୁଲ ଲିଖନ କିପରି ଅଭିଯୋଗକାରୀଙ୍କ ପାଇଁ କୌଣସି କ୍ଷତି ଘଟାଇପାରେ ଏହା ଦେଖିବା କଷ୍ଟକର । ଏହି ମାମଲାରେ ଅଭିଯୁକ୍ତଙ୍କ କାର୍ଯ୍ୟରୁ ଉଦ୍ଦେଶ୍ୟକୁ ଅନୁମାନ କରିବାକୁ ପଡିବ । ଫୌଜଦାରୀ କାର୍ଯ୍ୟବିଧି ସଂହିତାର ଧାରା 145 ଅନୁଯାୟୀ କାର୍ଯ୍ୟାନୁଷ୍ଠାନରେ ଅଭିଯୋଗକାରୀଙ୍କ ବିରୋଧରେ ବ୍ୟବହୃତ ହେବା ପାଇଁ ପ୍ରମାଣ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଲିଖନ କରାଯାଇନଥାଇପରେ, କାରଣ ନଥିରେ ଥିବା ପ୍ରମାଣ ଅନୁଯାୟୀ ଲିଖନଗୁଡିକ ମାର୍ଚ୍ଚରେ କୌଣସି ସମୟରେ କରାଯାଇଥିଲା ଏବଂ ଏହା ଅଦିତ ପାଣ୍ଡେଙ୍କୁ ସାହାଯ୍ୟ କରିପାରିନଥାନ୍ତା, କାରଣ ମାଜିଷ୍ଟ୍ରେଟ୍ ଡିସେମ୍ବର ମାସ 1950 ରେ ଅପରାଧିକ ପ୍ରକ୍ରିୟା ସଂହିତାର ଧାରା 145 ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଷ୍ପତ୍ତି ନେଇସାରିଥିଲେ ଏବଂ ଅଭିଯୋଗକାରୀଙ୍କୁ ହସ୍ତାନ୍ତର କରିବାକୁ ଆଦେଶ ଦେଇସାରିଥିଲେ; ଏବଂ ତେଣୁ, ଏହି ପ୍ରବେଶ ଦଣ୍ଡ ପ୍ରକ୍ରିୟା ସଂହିତାର ଧାରା 145 ଅନୁଯାୟୀ କାର୍ଯ୍ୟାନୁଷ୍ଠାନର ଫଳାଫଳକୁ ପ୍ରଭାବିତ କରିପାରିବ ନାହିଁ ।

ଶ୍ରୀ ମାଥୁର ତାଙ୍କ ମାମଲାକୁ ଉତ୍ତରପ୍ରଦେଶ ଜମିଦାରୀ ଉଚ୍ଛେଦ ଏବଂ ଭୂ-ସଂସ୍କାର ଅଧିନିୟମ, (1951ର ୟୁ.ପି. ଅଧିନିୟମ-I)ର ଧାରା 16 ଉପରେ ଆଧାରିତ କରିଥିଲେ,ଯେଉଁଥିରେ କୁହାଯାଇଥିଲା ଯେ ଜଣେ ବ୍ୟକ୍ତି, ଯାହାଙ୍କୁ 1356 F ବର୍ଷ ପାଇଁ ଜମିର ଦଖଲକାରୀ ଭାବେ ନଥିଭୁକ୍ତ କରାଯାଇଥିଲା ଏବଂ ଯିଏ ଉକ୍ତ ଭାଗରେ ଉଲ୍ଲିଖିତ ତାରିଖରେ ଜମି ଦଖଲରେ ଥିଲେ, ସେ ଜମିର ବଂଶାନୁଗତ ପଟ୍ଟାଧିକାରୀ ବୋଲି ବିବେଚିତ ହେବେ । କିନ୍ତୁ ଅଭିଯୋଗ କରାଯାଇଥିବା ପ୍ରବେଶ 1356 F ବର୍ଷ ପାଇଁ ନୁହେଁ ବରଂ 1358 F ବର୍ଷ ପାଇଁ, ଏବଂ ଏହି ପ୍ରବେଶ ଜମିଦାରୀ ଉଚ୍ଛେଦ ଅଧିନିୟମର ଧାରା 16 ଉଦ୍ଦେଶ୍ୟରେ ଅଦିତ ପାଣ୍ଡେଙ୍କ ପାଇଁ କୌଣସି ଲାଭଦାୟକ ହୋଇନଥାନ୍ତା । ମାମଲାର ପରିସ୍ଥିତିରେ ଏହା କୁହାଯାଇପାରିବ ନାହିଁ ଯେ ଆବେଦନକାରୀଙ୍କ ଦ୍ୱାରା ଧାରା 218 ଅନୁଯାୟୀ ଏକ ଅପରାଧ ହୋଇଛି, କାରଣ ଆମ ମତ ଅନୁସାରେ ଅଭିଯୋଜନ ପକ୍ଷ ଆବଶ୍ୟକ ଅପରାଧିକ ଉଦ୍ଦେଶ୍ୟ ପ୍ରମାଣ କରିବାରେ ବିଫଳ ହୋଇଛି ।

ଏହି ପରିସ୍ଥିତିରେ, ଆମେ ଆବେଦନକୁ ଅନୁମତି ଦେବୁ, ଦୋଷୀ ସାବ୍ୟସ୍ତ ଆଦେଶ ବାତିଲ କରି ଅଭିଯୁକ୍ତକୁ ନିର୍ଦ୍ଦୋଷରେ ଖଲାସ କରିବୁ । ଫଳସ୍ୱରୂପ ଜାମିନ ବଣ୍ଡ ବାତିଲ ହେବ ।

*ଆବେଦନକୁ ଅନୁମତି ଦିଆଗଲା ।*

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମା ରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର :**

ସୁମିତ୍ରା ସାହୁ ,ଅନୁବାଦିକା,

ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।